Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R Mohanty
Nodal Officer

ସପ୍ତାହ –୧୩

ନ.- ୩୧୫ (ଓଡିଆ ବୁଲେଟିନ)
ତାରିଖ- ୨୬.୦୩.୨୦୨୪

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପ ବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ବିଶେଷ ସୂଚନା

- ଧାନ ରେ ଯଦି ପତ୍ରଚିତା ରୋଗ ଦେଖାଦିଏ ତେବେ ଏକର ପିଛା ୩୦୦ ଗ୍ରାମ Carbendazim ୧୨% + Mancozeb୬୩ % WP ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ କିମ୍ବା ଏକର ପ୍ରତି ୨୦୦ ମିଲି Propiconazole ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।
- ଧାନ ଫସଲରେ ଗର୍ଭ ଧାରଣ ଅବସ୍ଥା, କେଣ୍ଡା ବାହାରିବା ଅବସ୍ଥା, ଫୁଲ ଉଡାଇବା ଓ କ୍ଷୀର ଢୋକିବା ଅବସ୍ଥା ହେଉଛି ସଙ୍କଟ କାଳୀନ ସମୟ। ଏହି ସମୟରେ ଜଳାଭାବ ଘଟିଲେ ଫସଲ ଅମଳ ବିଶେଷ ଭାବେ ବାଧାପ୍ରାପ୍ତ ହୁଏ । ତେଣୁ ଫସଲର ସଙ୍କଟ କାଳରେ ନିଶ୍ଚିତ ଭାବେ ଜଳସେଚନ କରନ୍ତୁ।
- ଆଖୁଫସଲ ରେ ସଅଳ କାଣ୍ଡ ବିନ୍ଧା ପୋକ ର ପରିଚାଳନା ପାଇଁ ଗ୍ରୀଷ୍ମ ଋତୁ ରେ ନିୟମିତ ଭାବରେ ଜଳସେଚନ କରନ୍ତୁ। ମାଟିଶୁଖିଲା ରହିବା ଅନୁଚିତ । ପୋକ ଓ ଅଣ୍ଡାପୁଞ୍ଜ ଗୁଡିକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ। ଆକ୍ରାନ୍ତ ପିଲ ଗୁଡିକୁ ମାଟି ତଳୁ କାଟି ଦୂରରେ ନଷ୍ଟ କରି ଦିଅନ୍ତୁ। ପ୍ରଥମ ଥର ହୁଡା ଟେକିବା ସମୟରେ ମାଟିରେ ଏକର ପ୍ରତି ୧୦-କିଲୋଗ୍ରାମ Fipronil ନାମକ ଦାନାଦାର କୀଟନାଶକ ପ୍ରୟୋଗ କରନ୍ତୁ।
- ପୋଟଳ ଗଛ ବର୍ତମାନ ଫୁଲ ଏବଂ ଫଳ ବହନ କରୁଥିବା ଅବସ୍ଥା ରେ । ବର୍ତମାନ ଘାସ କୁ ବାଛନ୍ତୁ ନାହିଁ । ଘାସ ରହିଲେ ତାହା ମାଟି ର ଆର୍ଦ୍ରତା ବଜାୟ ରଖିଥାଏ ଏବଂ ପୋଟଳ ଲତା କୁ ତାହା (ଘାସ) ଉପରେ ମାଡିବା ପାଇଁ ସାହାର୍ଯ୍ୟ କରିଥାଏ, ଯାହାଦ୍ୱାରା ଫଳ ସିଧାସଳଖ ମାଟି ର ସଂସ୍ପର୍ଶ ରେ ଆସେନାହିଁ, ଯାହାକି ଫଳକୁ ସଢିବା ରୁ ରକ୍ଷା କରିଥାଏ ।
- ପିଆଜ ର ଅମଳ ପରେ ବେକ ଉପରୁ ୨.୫ ସେ.ମି ରଖି ଅଗ ଏବଂ ସମୁଦାୟ ଚେର କାଟି ଦିଅନ୍ତୁ । ଭଲ ପବନ ବାଜୁଥିବା ସିମେଣ୍ଟ ଚଟାଣ କୋଠରୀ ରେ ପିଆଜ କୁ ଶୁଖାଇ ମଝିରେ ମଝିରେ ଓଲଟପାଲଟ କଲେ ପିଆଜ ଶୀଘ୍ର ଶୁଖି ଯାଇଥାଏ। ଭଲ ଭାବରେ ଶୁଖିଥିଲେ ଏବଂ ଠିକ ସମୟ ରେ ଅମଳ ହୋଇଥିବା ପିଆଜ କୁ ଅଧିକ ଦିନ ସାଇତି ରଖି ହୁଏ।
- ଲଙ୍କା ର ଦୀର୍ଘସ୍ଥାୟୀ ସରକ୍ଷଣ ପାଇଁ ପ୍ରଥମେ ଗଛ ପାକଳ ଲଙ୍କାକୁ ଅମଳ କରି ୩ ରୁ ୪ ଦିନ ଏକାଠି ଛାଇରେ ରଖିଲେ ସେଗୁଡିକ ରଙ୍ଗ ଏକପ୍ରକାର ହୋଇଥାଏ । ଏହା ପରେ ପୁଣି ୩ ରୁ ୪ ଦିନ ଖରାରେ ଶୁଖାଇ ଜଳୀୟ ଅଂଶ ୧୦% କମିବା ପରେ ବସ୍ତା ରେ ପୁରାଇ କାନ୍ଥ ଓ ଭୂଇଁରୁ ଟିକିଏ ଛଡାଇ ରଖନ୍ତୁ ।
- ଲଙ୍କାର ରଙ୍ଗ ଠିକ ରଖି ଏହାକୁ ଅଧିକ ବିକ୍ରି ଯୋଗ୍ୟ କରିବା ପାଇଁ ପ୍ରତି କୁଇଣ୍ଟାଲ ଲଙ୍କାକୁ ୨୫ ଲିଟର ପାଣି ୬୨୫ ଗ୍ରାମ ପଟାସିୟମ କାର୍ବୋନେଟ, ୨୫୦ ମିଲି ରିଫାଇନ ବାଦାମ ତେଲ, ୨୫ ଗ୍ରାମ ବାବୁଲ ଅଠା ଏବଂ ୦.୨୫ ଗ୍ରାମ ବୁଟିଲେଡେଟ ହାଇଡ୍ରୋକ୍ସି ଆନିସଲ ରେ ମିଶାଇ ୫ ମିନଟି ପାଣିରେ ବୁଡାଇ ରଖନ୍ତୁ । ପାଣି ନିଗିଡି ଗଲା ପରେ ଲଙ୍କା ସବୁକୁ ପବନ ଚଳପ୍ରଚଳ ହେଉଥିବା ଜାଗାରେ ଓ ପରିଷ୍କାର ସ୍ଥାନରେ ରଖନ୍ତୁ ।
- ଖରାଟିଆ ସୂର୍ଯ୍ୟମୁଖୀ ଫସଲ ଫୁଲ ଫୁଟିବା ପୂର୍ବ ଅବସ୍ଥା ରେ ଅଛି । ୨- ୩ ଗ୍ରାମ Borax ୧ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।
- ବିରିଓ ମୁଗ ରେ ଧୂଆଁପତ୍ର ଗୋଟି ପୋକ ବା କାଳିମୁଣ୍ଡି ପୋକ ର ପରିଚାଳନା ପାଇଁ ଏକର ପ୍ରତି ସ୍ପୋଡୋଲିଓର ଥିବା ସଙ୍ଗ ଆକର୍ଷକ ଯନ୍ତ୍ରାରୁ 6-8 ଟି ରଖନ୍ତୁ ।
- ଭେଣ୍ଡି ଫସଲରେ ଧଳାମାଛିର ପ୍ରାଦୁର୍ଭାବ କମ କରିବା ପାଇଁ ବିହନ ବୁଣିବା ପୂର୍ବ ରୁ ପ୍ରତି କିଲୋଗ୍ରାମ ବିହନ ରେ ୭-ଗ୍ରାମ Imidacloprid ନାମକ କୀଟନାଶକ ମିଶାଇ ବିଶୋଧନ କରନ୍ତୁ। ଗଛ ୨-୩ ପତ୍ର ହେବା ଅବସ୍ଥା ରୁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ ।

**ଧାନ(ଡାଲୁଅ):**

କାଣ୍ଡବିନ୍ଧା ପୋକ

ବାୟୁମଣ୍ଡଳ ର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଧାନ ଫସଲ ରେ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି। ଧାନ ଫସଲରେ କାଣ୍ଡବିନ୍ଧା ପୋକର ପରିଚାଳନା ପାଇ ଏକର ପ୍ରତି ୪୦୦-ମିଲି Fipronil ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୬୦-ମିଲି Chlorantraniliprole ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Chromafenozide ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

<u>ମହିଷା ରୋଗ</u>

ଧାନ ଫସଲରେ ମହିଷା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦- ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦-ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦- ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ବିରି ଓ ମୁଗ:**

<u>ଧୂଆଁପତ୍ର ଗୋଟି ପୋକ ବା କାଳିମୁଣ୍ଡି ପୋକ</u>

ପୋକ ଗୁଡିକ ଗୋଟିଏ କିଆରି ରୁ ଅନ୍ୟ କିଆରି କୁ ନ ଯିବା ପାଇଁ ହିଡ ରେ ଏକର ପ୍ରତି ୧୦-କିଲୋଗ୍ରାମ Chlorpyriphos ଗୁଣ୍ଡ କୀଟନାଶକ ପ୍ରୟୋଗ କରନ୍ତୁ । ଏହି ପୋକ ର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Novaluron ଓ Indoxacarb ର ମିଳିତ କୀଟନାଶକ କିମ୍ବା ୩୦୦- ମିଲି Lambda Cyhalothrin ନାମକ କୀଟନାଶକ କିମ୍ବା ୧୨୦-ଗ୍ରାମ Flubendiamide ନାମକ କୀଟନାଶକ, ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ଚିନାବାଦାମ:**

<u>ଧୂଆଁ ପତ୍ର ଗୋଟି ପୋକ-</u>

ବର୍ତ୍ତମାନ  ଚିନାବାଦାମ ରେ ଧୂଆଁ ପତ୍ର ଗୋଟି ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ Profenophos 50% EC @ ୪୦୦ ମିଲି କିମ୍ବା Flubendiamide ୪୮୦ SC @ ୪୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

<u>ଟୀକା ରୋଗ -</u>

ଏହି ରୋଗର ପରିଚାଳନା ପାଇଁ ୪୦୦-ଗ୍ରାମ କ୍ଲୋରୋଥାଲୋନୀଲ (Chlorothalonil)ନାମକ ଫିମ୍ପିନାଶକ କିମ୍ବା ୬୦୦-ଗ୍ରାମ ମାଙ୍କୋଜେବ(Mancozeb) ନାମକ ଫିମ୍ପିନାଶକ କିମ୍ବା ୩୦୦-ମି.ଲି ହେକ୍ସାକୋନାଜୋଲ(Hexaconazole) ନାମକ ଫିମ୍ପିନାଶକ ଏକର ପ୍ରତି ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଆଖୁ**

<u>ସଅଳ କାଣ୍ଡ ବିନ୍ଧା ପୋକ</u>

ସଅଳ କାଣ୍ଡ ବିନ୍ଧା ପୋକ ଆକ୍ରମଣ ଅଧିକ ଦେଖା ଦେଲ ଏକର ପ୍ରତି ୬୦୦ ମିଲି Fipronil ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ନାମକ କୀଟନାଶକ କିମ୍ବା ୧୫୦- ମିଲି Chlorantraniliprole ନାମକ କୀଟନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ I

**ବାଇଗଣ:**

<u>ଗଣ୍ଡି ଏବଂ ଫଳ ବିନ୍ଧା ପୋକ</u>

ବାଇଗଣରେ ଗଣ୍ଡି ଏବଂ ଫଳ ବିନ୍ଧା ପୋକର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଡାଳ, ପତ୍ର ଓ ଫଳଗୁଡ଼ିକୁ ସଂଗ୍ରହ କରି ଦୁରରେ ନଷ୍ଟ କରିଦିଅନ୍ତୁ ଏବଂ ଏକର ପ୍ରତି, Leucin Lure ଥିବା ସଙ୍ଗ ଆକର୍ଷକ ଯନ୍ତା ରୁ ୨୦ ଟି ରଖନ୍ତୁ। ପ୍ରାଥମିକ ଅବସ୍ଥାରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି 600-ମିଲି ନିମ୍ବ ଆଧାରିତ କୀଟନାଶକ 1500 PPM Azadirachtin କୁ ୨୦୦- ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣ ଫସଲ ରେ ଯଦି, ଶତକଡା 4-ଭାଗ ଅଗ ଝାଉଁଳା ବା ଶତକଡା 14-ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନକି ଔଷଧ ପ୍ରୟୋଗ କରନ୍ତୁ। ଏହି ପୋକର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି 75-ମି.ଲି Spinosad ନାମକ କୀଟନାଶକ କିମ୍ବା 80-ଗ୍ରାମ Emamectin Benzoate ନାମକ କୀଟନାଶକ କିମ୍ବା 80-ମି.ଲି Chlorantraniliprole ନାମକ କୀଟନାଶକ କିମ୍ବା ୨୦୦-ମି.ଲି Spinetoram, ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି କୀଟନାଶକ ମଧ୍ୟରୁ ଯେକୌଣସି ଗୋଟିଏ କୁ ବାରମ୍ବାର ପ୍ରୟୋଗ ନ କରି ଅଦଳ ବଦଳ କରି ପ୍ରତି 15-ଦିନ ଅନ୍ତର ରେ ସିଞ୍ଚନ କରନ୍ତୁ।

**କଖାରୁ ଜାତୀୟ ପନିପରିବା:**

<u>ନିମ୍ନମୁଖୀ ପତ୍ରପୋଡା ରୋଗ</u>

ଏହି ରୋଗ ର ପରିଚାଳନା ପାଇଁ ପ୍ରତି ଲିଟର ପାଣି ରେ ୩-ଗ୍ରାମ Copper Hydroxide ନାମକ ଫିମ୍ପିନାଶକ କିମ୍ବା ପ୍ରତି ଲିଟର ପାଣି ରେ ୩-ଗ୍ରାମ Fosetyl -AL ନାମକ ଫିମ୍ପିନାଶକ କିମ୍ବା ପ୍ରତି ଲିଟର ପାଣି ରେ ୨-ଗ୍ରାମ Carbendazim ଏବଂ Mancozeb ର ମିଳିତ ଫିମ୍ପିନାଶକ, ମିଶାଇ ସିଂଚନ କରନ୍ତୁ ।

**ଭେଣ୍ଡି**

<u>ସାହେବୀ ରୋଗ</u>

ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ  ଧଳାମାଛି ର ନିୟନ୍ତ୍ରଣ ନିହାତି ଜରୁରୀ । ସାହେବୀ ଆକ୍ରାନ୍ତ ଗଛ ଗୁଡିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ppm କୁ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ପୋକ ର  ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ, ୨୦୦- ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

**କଦଳୀ:** ପତ୍ରଦାଗ ବା ସିଗାଟୋକା ରୋଗ

କଦଳୀ ରେ ପତ୍ରଦାଗ ବା ସିଗାଟୋକା ରୋଗ ର ପରିଚାଳନା ପାଇଁ ପ୍ରତି ୧୦- ଲିଟର ପାଣିରେ ୧୦-ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩୦ ଗ୍ରାମ chlorothalonil ନାମକ ଫିମ୍ପିନାଶକ, ମିଶାଇ ଗଛ ଲଗାଇବାର ୪ ମାସ ପରେ ୧ ମାସ ଅନ୍ତରରେ ଦୁଇ ରୁ ତିନି ଥର ସିଂଚନ କରନ୍ତୁ ।

**ଆମ୍ବ:** <u>ଆମ୍ବ ଡାହାଣୀ ପୋକ</u>

ଆମ୍ବ ଡାହାଣୀ ପୋକ ର ନିୟନ୍ତ୍ରଣ ପାଇଁ Imidacloprid ୧୭.୮ % SL @ ୫ ମିଲି କିମ୍ବା Thiamethoxam ୨୫% W.G @ ୩ ଗ୍ରାମ କିମ୍ବା Acetamiprid ୨୦% S.P. @ ୪ ଗ୍ରାମ ୧୫ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । ଆମ୍ବ ଗଛ ମୂଳ ରେ ଧୂଆଁ ଦେଲେ ଆମ୍ବ ଡାହାଣୀ ସଂଖ୍ୟା କମି ଯାଇଥାଏ ।

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

**ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।**

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)